To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ମୋଦିଙ୍କ ବିରୁଦ୍ଧରେ ଆପତ୍ତିଜନକ ମନ୍ତବ୍ୟ ନେଇ ଥରୁର୍‌ଙ୍କ ବିରୋଧରେ ମାମଲା ରୁଜୁ

R.N.I. No.-42041/83 Vol-16, Issue No.127, ଭଦ୍ରକ, ରବିବାର, ୪, ନଭେମ୍ବର ୨୦୧୮ ■ Bhadrak Sunday, 4 November 2018 Rs. 2.00 Pages-8

୨୫ ହଜାର କୋଟିର ୬ଟି ପ୍ରକଳ୍ପ ଅନୁମୋଦିତ



■ ୧୫ ପ୍ରକଳ୍ପର ଶୁଭ ଦେଲେ ମୁଖ୍ୟମନ୍ତ୍ରୀ
■ ୧୩,୭୦୦ ଜଣ ନିଯୁକ୍ତି ପାଇବେ

ଭୁବନେଶ୍ୱର,୩।୧୧ (ସକାଳ ଖବର): ଓଡିଶାରେ ୨୫,୮୪୫ କୋଟି ଟଙ୍କା ବିନିଯୋଗରେ ଶିଳ୍ପ ପ୍ରତିଷ୍ଠା ନେଇ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ବୈଠକରେ ଅନୁମୋଦନ କରାଯାଇଛି। ଶନିବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୬ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହା କାର୍ଯ୍ୟକାରୀ ହେଲେ ୧୩,୭୦୦ ଜଣ ନିଯୁକ୍ତି ପାଇବେ। ପ୍ରକଳ୍ପ ଗୁଡିକ ମଧ୍ୟରୁ ୩ ଟି ବେଦାନ୍ତର ରହିଛି। ଅନ୍ୟ ୩ ଟି ହିଣ୍ଡାଲକୋ, ନାଲକୋ ଓ ଚିରିପାଲ ପଲିର। ଅନୁମୋଦିତ ପ୍ରକଳ୍ପ ଗୁଡିକ ହେଲା ଚିରିପାଲ ପଲି ଲିମିଟେଡ୍ ୧୧୦୦ କୋଟି ଟଙ୍କା ବ୍ୟୟରେ ପାରାଦ୍ୱୀପ ଠାରେ ପ୍ଲାଷ୍ଟିକ ଓ ଫ୍ଲେକ୍ସିବଲ ପ୍ୟାକେଜିଂ ପଲିମର ଶିଳ୍ପ ପ୍ରତିଷ୍ଠା କରିବ। ଏଥିରେ ୭୦୦ ଜଣ ନିଯୁକ୍ତି ପାଇବେ। ସେହିପରି ହିଣ୍ଡାଲକୋ ୫୦୦୦ କୋଟି ଟଙ୍କାରେ ସମ୍ବଲପୁର ଲପଙ୍ଗା ଠାରେ ଆଲୁମିନିୟମ୍ ଶିଳ୍ପ ପ୍ରତିଷ୍ଠା କରିବ ଏବଂ ଏହା ଦ୍ୱାରା ୫୫୦ ନିଯୁକ୍ତି ସୃଷ୍ଟି ହେବ। ନାଲକୋ ୫,୫୨୨ କୋଟି ଟଙ୍କାରେ ଢେଙ୍କାନାଳ କାମାକ୍ଷାନଗରରେ ଆଲୁମିନିୟମ ଆଲୋୟ ମେଟାଲ , ଫଏଲ୍ ନିର୍ମାଣ ଶିଳ୍ପ ପ୍ରତିଷ୍ଠା କରିବ ଏଥିରେ ୧୭୬୧ ନିଯୁକ୍ତି ପାଇବେ। ବେଦାନ୍ତ ସମ୍ପ୍ରସାରଣ ପ୍ରକଳ୍ପରେ ୧୨୪୦ କୋଟି ଟଙ୍କାରେ ଝାରସୁଗୁଡାର ଭୁରଖାମୁଣ୍ଡ ଠାରେ ଆଲୁମିନିୟମ୍ ସ୍ମେଲଟର ପ୍ଲାଂଟ ପ୍ରତିଷ୍ଠା କରିବ ଏବଂ ଏଥିରେ ୮୦୦ ଲୋକ ନିଯୁକ୍ତି ପାଇବେ। ବେଦାନ୍ତ ୬୫୦୦ କୋଟି ଟଙ୍କାରେ ଭଦ୍ରକ ଧାମରାରେ କଷ୍ଟିକ୍ ସୋଡା ଏବଂ କେମିକାଲ ଶିଳ୍ପ ପ୍ରତିଷ୍ଠା କରିବ। ଏହାଦ୍ୱାରା ୪୦୦ ଲୋକ ନିଯୁକ୍ତି ପାଇବେ। ସେହିପରି ୬୪୮୩ କୋଟି ଟଙ୍କା ବ୍ୟୟରେ ଲାଂଜିଗଡ ଠାରେ ଆଲୁମିନିୟମ୍ ରିଫାଇନାରୀ ୟୁନିଟର ସମ୍ପ୍ରସାରଣ କରିବ। ଏଥିରେ ୯୪୯୪ ନିଯୁକ୍ତି ସୃଷ୍ଟି ହେବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ (ପୃଷ୍ଠା-୭)

ଏକସଂଗେ ୩ ମୁକୁଟ ଜିତିଲେ ଓଡ଼ିଆ ଝିଅ

ସମ୍ବଲପୁର, ୩।୧୧ (ସକାଳ ଖବର): ପୁଣି ରାଜ୍ୟର ଗୌରବ ବାଇଛନ୍ତି ଓଡ଼ିଶାର ସୁନାଝିଅ ପ୍ରିୟଦର୍ଶନୀ। ସମ୍ବଲପୁରର ପ୍ରିୟଦର୍ଶନୀ ପଣ୍ଡା ସିଙ୍ଗାପୁରଠାରେ ଆୟୋଜିତ ହୋଇଥିବା ମିସେସ୍ ଇଣ୍ଟରନ୍ୟାସ୍‌ନାଲ୍' ପ୍ରତିଯୋଗିତାରେ ତିନଟି ମୁକୁଟ ଜିଣିବାରେ ସମର୍ଥ ହୋଇଛନ୍ତି । ପୂର୍ବରୁ ଗତ ମେ ମାସରେ ରାଜଧାନୀ ଦିଲ୍ଲୀଠାରେ ଅନୁଷ୍ଠିତ ମିସେସ୍ ଏସିଆ ପାସିଫିକ ପ୍ରତିଯୋଗିତାରେ ପ୍ରିୟଦଶନୀ ସଫଳତା ପାଇବା ପରେ ମିସେସ୍ ଇଣ୍ଟରନ୍ୟାସନାଲ୍ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଥିଲେ । ମିସେସ୍ ଇଣ୍ଟରନ୍ୟାସନାଲ୍ ପ୍ରତିଯୋଗିତାରେ ବିଭିନ୍ନ ଦେଶର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ପ୍ରଥମେ ମାଲେସିଆ, ପରେ ଇଣ୍ଡୋନେସିଆ ଓ ଶେଷରେ ସିଙ୍ଗାପୁରରେ ଆୟୋଜିତ ହୋଇଯାଇଛି । ମହିଳାମାନେ ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗିତାର ସାମ୍ନା କରି ଅନ୍ତିମ ପର୍ଯ୍ୟାୟ ପାଇଁ ସିଙ୍ଗାପୁରକୁ ମନୋନୀତ ହୋଇଥିଲେ । (ପୃଷ୍ଠା-୭)

ଦୁର୍ନୀତି ବିରୋଧରେ ସଂଗ୍ରାମ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭିଜିଲାନ୍ସ ସଚେତନତା ସପ୍ତାହ ଉଦ୍‌ଯାପିତ

ଭୁବନେଶ୍ୱର,୩।୧୧ (ସକାଳ ଖବର): ଆମ ପାଇଁ ଏବଂ ଭବିଷ୍ୟତ ବଂଶଧରଙ୍କ ପାଇଁ ସୁସ୍ଥ ସମାଜ ଗଠନ କରିବା ଲାଗି ପ୍ରତ୍ୟେକ ସ୍ତରରେ ଥିବା ଦୁର୍ନୀତି ବିରୋଧରେ ସଂଗ୍ରାମ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓଡିଶାବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ଚଳିତ କ୍ୟାଲେଣ୍ଡର ବର୍ଷରେ ଓଡିଶାର ଭିଜିଲାନ୍ସ ସଂସ୍ଥା ଯେତେଗୁଡିଏ ମାମଲା ରୁଜୁ କରିଛି ସେଥିମଧ୍ୟରୁ ୫୧ ପ୍ରତିଶତ ମାମଲାରେ ଅଭିଯୁକ୍ତ ଦଣ୍ଡିତ ହୋଇଛନ୍ତି। ବିଗତ ୨ ବର୍ଷ ଅପେକ୍ଷା ଏହି ହାର ୪ ପ୍ରତିଶତ ଅଧିକ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି । ସମ୍ପୃକ୍ତ ସଂସ୍ଥାର ଅନୁସନ୍ଧାନ ଦକ୍ଷତା ଓ ପ୍ରୋସିକ୍ୟୁସନ୍ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବାପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି। ଏହି ପଦକ୍ଷେପ ସ୍ୱରୂପ ଭୁବନେଶ୍ୱର ଠାରେ ଷ୍ଟେଟ୍ ଭିଜିଲାନ୍ସ ଏକାଡେମୀ ପ୍ରତିଷ୍ଠା କରାଯିବ। ସ୍ଥାନୀୟ ରବୀନ୍ଦ୍ରମଣ୍ଡପ ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ (ପୃଷ୍ଠା-୭)

କନେଷ୍ଟବଲ ସିପାହୀ ହାବିଲଦାର ମହାସଂଘର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୩।୧୧ (ସକାଳ ଖବର): ଆସନ୍ତା କାଲିଠାରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା କନେଷ୍ଟବଲ ସିପାହୀ ହାବିଲଦାର ମହାସଂଘର ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି ଏହାର ସଭାପତି ସନ୍ତୋଷ ଶତପଥି କହିଛନ୍ତି । ସେ କହିଛନ୍ତି ଯେ, ତାଙ୍କର ତିନୋଟି ଦାବି ମଧ୍ୟରୁ ଦୁଇଟି ଦାବି ପୂରଣ ହୋଇସାରିଛି। ନିଲମ୍ବନ ହୋଇଥିବା ପୋଲିସ କନେଷ୍ଟବଲ ଏବଂ ହୋମଗାର୍ଡ଼ ଉପରୁ ଏହି ଆଦେଶକୁ ପ୍ରତ୍ୟାହାର କରିନିଆଯାଇଛି । ଅପରପକ୍ଷରେ ଡିଜିପି ପକ୍ଷରୁ ପୋଲିସକୁ ବାଡ଼େଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଚାଉଳିଆଗଂଜର ଆଇଆଇସିଙ୍କ ବିରୁଦ୍ଧରେ ପ୍ରକ୍ରିୟାକାର୍ଯ୍ୟ ଆରମ୍ଭ ହୋଇଛି ବୋଲି (ପୃଷ୍ଠା-୭)

ସାତକୋଶିଆରେ ପହଞ୍ଚିଲା ଯଶୋଦା

ଅନୁଗୁଳ, : ସାତକୋଶିଆରେ ଆତଙ୍କ ଖେଳାଇଥିବା ବାଘୁଣୀ ସୁନ୍ଦରୀକୁ ଧରିବ ହାତୀ ଯଶୋଦା । ଚନ୍ଦକାରୁ ଯଶୋଦାକୁ ସାତକୋଶିଆକୁ ଅଣାଯାଇଛି । ଯଶୋଦାକୁ ଏବେ ପୁରୁଣାକୋଟରେ ରଖାଯାଇଛି । ସୁନ୍ଦରୀ କେଉଁଠି ଅଛି ଯଶୋଦା ଠାବ କରିବ । ଏହା ପରେ ବାଘୁଣୀକୁ ଟ୍ରଙ୍କୁଲାଇଜ କରିବାକୁ ସହଜ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଛି । ଆସନ୍ତାକାଲିଠାରୁ ଏହି ଅପରେସନ୍ ଆରମ୍ଭ ହେବ । ଏହା ସହ କର୍ଣ୍ଣାଟକରୁ ମଧ ଦୁଇଟି ହାତୀ ଆଣିବାକୁ ଉଦ୍ୟମ ଜାରି ରହିଛି ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ କି, ମଧ୍ୟପ୍ରଦେଶରୁ ଆସିଥିବା ବାଘୁଣୀ ସୁନ୍ଦରୀ ସାତକୋଶିଆରେ କିଛି ଦିନ ହେଲା ଆତଙ୍କ ସୃଷ୍ଟି କରିଛି । ଦୁଇଜଣ ବ୍ୟକ୍ତିଙ୍କୁ ମାରିବା ସହ ଅନେକ ଗାଇବଳଦଙ୍କୁ ମାରି ପକାଇଛି । ଏପରି କି ସୁନ୍ଦରୀ ପାଇଁ ସେହି ଅଂଚଳର ବାସିନ୍ଦା ନାହିଁ ନଥିବା ଅସୁବିଧା ଭୋଗୁଥିବା ସହ ଭୟଭୀତ ହୋଇ ପଡିଛନ୍ତି । କିଛି ଦିନ ତଳେ ବନ ବିଭାଗ ବିଶେଷଜ୍ଞଙ୍କ ସାହାଯ୍ୟରେ (ପୃଷ୍ଠା-୭)

ଗୃହ କମିଟିରେ ସତ୍ୟପାଠ ଦାଖଲ କଲେ ଅଭିଜିତ୍

ସତ୍ୟପାଠ ତର୍ଜମା କରାଯିବ : ନରସିଂହ

ଭୁବନେଶ୍ୱର,୦୩ ନଭେମ୍ବର - ଗୃହ କମିଟିର ନିର୍ଦ୍ଦେଶ ଅନୁଯାୟୀ ଶନିବାର ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ କିମଟି ନିକଟରେ ଅଭିଜିତ୍ ଆୟାର ମିତ୍ର ହାଜର ହୋଇ ସତ୍ୟପାଠ ଦାଖଲ କରିଛନ୍ତି। କମିଟିର ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ବିଧାନସଭା ସଦସ୍ୟ ମାନଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଥିବା ଏହି ବିବାଦୀୟ ବ୍ୟକ୍ତି ପ୍ରଥମ ତାରିଖରେ ଦେଇଥିବା ବକ୍ତବ୍ୟ ଏବଂ ସତ୍ୟପାଠ ଉପରେ ତର୍ଜମା କରାଯିବ। ତର୍ଜମା ପରେ ସ୍ପଷ୍ଟୀକରଣ ର ଆବଶ୍ୟକତା ପଡିଲେ ତାଙ୍କୁ ପୁନର୍ବାର ଉପସ୍ଥିତ ହେବାକୁ ଡକାଯିବ। ଗୃହର ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୧୬ ତାରିଖରେ ଆରମ୍ଭ ହେବାକୁ ଯାଉଥିବାବିଧାନସଭାର ଶୀତକାଳୀନ ଅଧିବେଶନର ପ୍ରଥମ ଦିବସରେ ଗୃହରେ କମିଟି ତାର ରିପୋର୍ଟ ପ୍ରଦାନ କରିବ। ଏହାପରେ ଗୃହ (ପୃଷ୍ଠା-୭)

ପତ୍ନୀକୁ ମରଣାନ୍ତକ ଆକ୍ରମଣ

ସ୍ୱାମୀର ଆତ୍ମହତ୍ୟା

ନବରଙ୍ଗପୁର, ୩।୧୧ (ସକାଳ ଖବର): ପତ୍ନୀକୁ ମରଣାନ୍ତକ ଆକ୍ରମଣ କରି ସେ ପ୍ରାଣ ହରାଇଥିବା ମନେକରି ସ୍ୱାମୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବା ଭଳି ଅଭାବନୀୟ ଘଟଣା ଆଜି ରାଇଘର ବ୍ଲକ ଓପାନା ପଚାଂୟତ ଅନ୍ତର୍ଗତ ଖରକାରପାରା ଗ୍ରାମରେ ଘଟିଯାଇଛି । ସୂଚନା ଅନୁଯାୟୀ, ସବୁଦିନ ପରି ବାଲା ନାୟକ (୪୨) ପତ୍ନୀ ଶୁଭବାଇ ନାୟକ (୩୫)ଙ୍କୁ ନେଇ ଚାଷ କାମ କରିବାକୁ ନିଜ କ୍ଷେତକୁ ଯାଇଥିଲେ । କ୍ଷେତରେ କାମ କରୁଥିବା ସମୟରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ସ୍ୱାମୀ ବାଲା ପତ୍ନୀଙ୍କୁ କୋଦାଳରେ ଶକ୍ତ ଆଘାତ କରିଥିଲେ । ଫଳରେ ସେ ଘଟଣାସ୍ଥଳରେ ଟଳି ପଡିବା ସହିତ ଗୁରୁତର ହୋଇପଡିଥିଲେ । କିନ୍ତୁ ପତ୍ନୀଙ୍କ ମୃତ୍ୟୁ ଘଟିଥିବା ମନେକରି ବାଲା ମାନସିକ ଭାରସାମ୍ୟ ହରାଇ ଚାଷଜମି ଠାରୁ କିଛି ଦୂରରେ ଥିବା ଏକ ଗଛରେ ଗାମୁଛା ସାହାଯ୍ୟରେ ବେକକୁ ବାନ୍ଧି ଆତ୍ମହତ୍ୟା କରିଥିଲେ । ଗ୍ରାମର ଇଶ୍ୱର ସାହୁ ସେହିବାଟ ଦେଇ ଆସୁଥିବା ବେଳେ ଏହା ଦେଖି (ପୃଷ୍ଠା-୭)

ଜଳିଗଲା ୨ ବସ୍

ଭୁବନେଶ୍ୱର,୩।୧୧ (ସକାଳ ଖବର): ଭୁବନେଶ୍ୱର ଖଣ୍ଡଗିରି ନିକଟ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ପାର୍କିଂ କରାଯାଇଥିବା ୨ଟି ଯାତ୍ରୀବାହୀ ବସ୍ ଜଳିଯାଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଘଟଣାଟି ଭୋର ସମୟରେ ଘଟିଥିବା ବେଳେ ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ନିଆଁ ଲିଭାଇଥିଲା। ତେବେ ବସ୍ ୨ଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନଥିଲେ ହେଁ ବସ ଦୁଇଟି ଉପରେ ୧୧ କେଭିର ବିଦ୍ୟୁତ ତାର ଟଣାଯାଇଥିଲା। (ପୃଷ୍ଠା-୭)

ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ

୯ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ଭୁବନେଶ୍ୱର କୋର୍ଟ

ଭୁବନେଶ୍ୱର,୩।୧୧ (ସକାଳ ଖବର): ଓକିଲ ମାନଙ୍କ ଆନ୍ଦୋଳନ ପାଇଁ ଭୁବନେଶ୍ୱରର ସମସ୍ତ କୋର୍ଟ ୯ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଭୁବନେଶ୍ୱର ବାର୍ ଆସୋସିଏସନ୍ ର ସଭାପତି ଦୁର୍ଗା ମିଶ୍ର ସୂଚନା ଦେଇଛନ୍ତି। ୯ ତାରିଖରେ ହାଇକୋର୍ଟ ବାର୍ ଆସୋସିଏସନ୍ ର ବୈଠକର ନିଷ୍ପତି ଉପରେ କୋର୍ଟ ଖୋଲିବା ନଖୋଲିବା ନେଇ ସ୍ଥିର କରାଯିବ।

ରବୀନ୍ଦ୍ରମଣ୍ଡପରେ ଜଣେ ନୃତ୍ୟଶିଳ୍ପୀଙ୍କ ଭାରତନାଟ୍ୟମ୍ ନୃତ୍ୟରେ ଦର୍ଶକ ବିଭୋର

ହାଇକୋର୍ଟର ବିଚାରପତି ହେବେ ଅକ୍ଷୟ ମିଶ୍ର

ନୂଆଦିଲ୍ଲୀ,୩।୧୧ : ଡ.ଅକ୍ଷୟ କୁମାର ମିଶ୍ରଙ୍କୁ ହାଇକୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଁ ସୁପ୍ରିମ୍ କୋର୍ଟ କଲେଜିୟମ୍ ସୁପାରିଶ୍ କରିଛନ୍ତି। ଡ. ମିଶ୍ର ବର୍ତମାନ ଓଡ଼ିଶା ହାଇକୋର୍ଟରେ ରେଜିଷ୍ଟ୍ରାର ଜେନେରାଲ ଭାବେ ଅବସ୍ଥାପିତ ଅଛନ୍ତି। ସୁପ୍ରିମକୋର୍ଟ ମୁଖ୍ୟବିଚାରପତି ଜଷ୍ଟିସ୍ ରଂଜନ ଗୋଗେଇ, ଜଷ୍ଟିସ୍ ମଦନ ବି.ଲୋକୁର ଓ ଜଷ୍ଟିସ୍ କୁରିଆନ୍ ଜୋଶେଫ୍ ଙ୍କୁ ନେଇ ଗଠିତ କଲେଜିୟମ୍ ଡ଼ ମିଶ୍ରଙ୍କ ସହ ସାକ୍ଷାତକାର କରିବା ପରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ତାଙ୍କୁ ପଦୋନ୍ନତି ଦିଆଯାଉ ବୋଲି ମତ ରଖିଛନ୍ତି। ଏହାପରେ ଏସମ୍ପର୍କିତ ସୁପାରିଶ ଆଇନ ମନ୍ତ୍ରାଳୟକୁ ପଠାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ କି ଓଡ଼ିଶା ହାଇକୋର୍ଟର କଲେଜିୟମ୍ ୪ ଜଣ ଜୁଡିସିଆଲ୍ ଅଫିସରଙ୍କ ନାମ ହାଇକୋର୍ଟ ବିଚାରପତି ପଦବି ଲାଗି ସୁପ୍ରିମକୋର୍ଟ କଲେଜିୟମ୍‌ଙ୍କ ନିକଟକୁ ସୁପାରିସ କରିଥିଲେ। କଲେଜିୟମ୍ ସେମାନଙ୍କୁ ସାକ୍ଷାତ କରିବା ପରେ ଡ଼. ମିଶ୍ରଙ୍କ ନାମ ଉପରେ ମୋହର ଲଗାଇଛନ୍ତି।

୧୬ରୁ ବିଧାନସଭାର ଶୀତକାଳୀନ ଅଧିବେଶନ

ମୋଟ ୨୩ଟି କାର୍ଯ୍ୟ ଦିବସ

ଭୁବନେଶ୍ୱର,୩।୧୧ (ସକାଳ ଖବର): ଆସନ୍ତା ୧୬ ତାରିଖ ଠାରୁ ଓଡିଶା ବିଧାନସଭାର ଅଧିବେଶନ ଆରମ୍ଭ ହେବା ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବୈଠକ ସମ୍ପର୍କରେ ସମନ ଜାରୀ କରିଛନ୍ତି। ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବୈଠକ କାର୍ଯ୍ୟକ୍ରମ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି।

ଚଳିତ ଅଧିବେଶନରେ ମୋଟ ୨୩ ଟି କାର୍ଯ୍ୟ ଦିବସ ରହିଛି। ଏଥିମଧ୍ୟରୁ ୪ ଟି ବେସରକାରୀ ଦିବସ ରହିଥିବା ବେଳେ ୧୯ଟି ସରକାରୀ ଦିବସ ରହିଛି। ପ୍ରଫେଟ୍ ମହମ୍ମଦ ଓ ରାସ ପୂର୍ଣ୍ଣିମା ପାଇଁ ୨ ଦିନ ଛୁଟି ଓ ଦ୍ୱିତୀୟ ଶନିବାର ଓ ରବିବାର ପାଇଁ ୫ ଦିନ ଗୃହର ବୈଠକ ବସିବ ନାହିଁ। ନଭେମ୍ବର ୧୭ , ୩୦ , ଡିସେମ୍ବର ୭ ଓ ୧୪ ତାରିଖ ୪ ଦିନ ବେସରକାରୀ ଦିବସ ଭାବେ ରଖାଯାଇଛି। ଅନ୍ୟପକ୍ଷରେ କେଉଁ ତାରିଖରେ କେଉଁ ବିଭାଗର ପ୍ରଶ୍ନ ଉପରେ ଆଲୋଚନା କରାଯିବ ସେଥିନେଇ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ନଭେମ୍ବର ୧୬ ଏବଂ ୩୦ ଓ ଡିସେମ୍ବର ୭ ଓ ୧୪ ତାରିଖରେ ମହିଳା ଓ ଶିଶୁ ବିକାଶ , ମିଶନ ଶକ୍ତି , ବାଣିଜ୍ୟ , ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ , ପରିବହନ , ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଉପରେ ଆଲୋଚନା କରାଯିବ। ନଭେମ୍ବର ୧୭ , ୨୪ , ଡିସେମ୍ବର ୧ ଓ ୧୫ ତାରିଖରେ ଅନୁସୂଚିତ ଜାତି , ଜନଜାତି ବିକାଶ , ପର୍ଯ୍ୟଟନ , କ୍ରୀଡା ଓ ଯୁବ ସେବା , ହସ୍ତତନ୍ତ ଓ ବୟନ ଶିଳ୍ପ , ଓଡିଆ ଭାଷା , ସାହିତ୍ୟ , ସଂସ୍କୃତି ଏବଂ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଉପରେ ଆଲୋଚନା କରାଯିବ। ସେହିପରି ନଭେମ୍ବର ୧୯ , ୨୬ , ଡିସେମ୍ବର ୩ ଓ ୧୦ ରେ ସ୍ୱରାଷ୍ଟ୍ର , ଅର୍ଥ , ।ଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା , ପୂର୍ତ , ଅବକାରୀ , ଇସ୍ପାତ ଓ ଖଣି ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ବିଭାଗ ଉପରେ ଆଲୋଚନା ହେବ। ନଭେମ୍ବର ୨୦ , ୨୭ , ଡିସେମ୍ବର ୪ ଓ ୧୧ ତାରିଖରେ ପଂଚାୟତରାଜ ଓ ପାନୀୟ ଜଳ , ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ , କୃଷି ଓ କୃଷକ ସଶକ୍ତକରଣ , (ପୃଷ୍ଠା-୭)

ଚିତ୍ରକୋଣ୍ଡାରେ ନକ୍ସଲ ବିରୋଧି ପୋଷ୍ଟର

ମାଲକାନଗିରି, ୩।୧୧ (ସକାଳ ଖବର): ଛତିଶଗଡ଼ ଦନ୍ତେଓ୍ୱାଡାରେ ଆମ୍ବୁସ୍ କରି ଗଣମାଧ୍ୟମ ପ୍ରତିନିଧିଙ୍କୁ ହତ୍ୟା ଘଟଣାକୁ ବିରୋଧ କରି ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଏଲକାନୋରରେ ଲାଗିଛି ମାଓବାଦୀ ବିରୋଧି ପୋଷ୍ଟର । ମାଓବାଦୀ ଜାଣିଶୁଣି ଗଣମାଧ୍ୟମ ପ୍ରତିନିଧି ତଥା ଦୂରଦର୍ଶନର କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କୁ ହତ୍ୟା କରିଥିବା ନେଇ ଏଥିରେ ଦର୍ଶାଯାଇଛି । ଘଟଣାକୁ ପୋଷ୍ଟର ଜରିଆରେ ଦୃଢ଼ ନିନ୍ଦା କରାଯାଇଛି । ଯେଉଁମାନଙ୍କ ପାଇଁ ମାଓବାଦୀ ନିଜର ଦାବିକୁ ସରକାର ଓ ଜନତାଙ୍କ ନିକଟରେ ପହଂଚାଇ ଥାଆନ୍ତି, ଆଜି ସେମାନଙ୍କୁ ହତ୍ୟା କରି ମାଓବାଦୀ ନିଜ ଗୋଡରେ ନିଜେ କୁରାଢୀ ମାରିଛନ୍ତି ।

ହୁଣ୍ଡିର ଆୟ (୩୧.୧୦.୧୮)
୧,୭୭,୫୯୫

697-A

I&PR- 32224/11/0007/1819

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick